ଏହି ପ୍ରଶ୍ନପତ୍ରରେ **13** ଟି ପ୍ରଶ୍ନ ରହିଛି ଏବଂ ଏଥିରେ **8** ପୃଷ୍ଠା ଅଛି ।

**Roll No.**
ରୋଲ୍ ନଂ. | | | | | | | | | | | | |

**Code No. 63/SS/A/OR**
କୋଡ୍ ନମ୍ବର

**SET**/ସେଟ୍ **A**

# ଓଡ଼ିଆ

# (305)

**Day and Date of Examination**
ପରୀକ୍ଷାର ଦିନାଙ୍କ ଓ ତାରିଖ ______________________

**Signature of Invigilators**
ନିରୀକ୍ଷକଙ୍କ ସ୍ୱାକ୍ଷର

**1.** ______________________

**2.** ______________________

ନିର୍ଦ୍ଦେଶାବଳୀ :

**1** ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିଜର ରୋଲ ନମ୍ବର (Roll Number) ନିର୍ଦ୍ଦିଷ୍ଟ ସ୍ଥାନରେ ନିଶ୍ଚିତ ଲେଖନ୍ତୁ ।

**2** ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ । ପ୍ରଶ୍ନଗୁଡ଼ିକ କ୍ରମାନୁଯାୟୀ ଅଛି କି ନାହିଁ ଦେଖି ନିଅନ୍ତୁ ।

**3** ଉତ୍ତର ପୁସ୍ତିକାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖନ୍ତୁ ।

**4** ସମସ୍ତ ପ୍ରଶ୍ନର ଉତ୍ତର ନୀର୍ଦ୍ଧାରିତ ସମୟ ଭିତରେ ଦେବାକୁ ହେବ ।

**5** ଉତ୍ତର ପୁସ୍ତିକାର ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ ।

**6** ପ୍ରଶ୍ନପତ୍ରର କୋଡ୍ ନମ୍ବର **63/SS/A/OR** ସେଟ୍ **A** ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ ।



Unnati Educations
9899436384, 9654279279

# ଓଡ଼ିଆ

## (305)

ସମୟ : **3** ଘଣ୍ଟା ] [ ଅଧିକତମ ମୂଲ୍ୟ : **100**

---

ନୋଟ୍ : (i) ପ୍ରତି ପ୍ରଶ୍ନର ଉତ୍ତର ଦିଅ ।

(ii) ପ୍ରତ୍ୟେକ ପ୍ରଶ୍ନ ସମ୍ମୁଖରେ ନିର୍ଦ୍ଧାରିତ ସଂଖ୍ୟା (ମାର୍କ) ସୂଚିତ ହୋଇଛି ।

---

**1** ନିମ୍ନଲିଖିତ ଚାରୋଟି ଶବ୍ଦର ବିପରୀତ ଶବ୍ଦ ଲେଖ । **1×3=3**

(କ) କୃତଜ୍ଞ, ସଫଳ, ମଲା, ହ୍ରାସ, ଆଦାନ, ଅନ୍ୟାୟ, ରୋଗୀ

(ଖ) ନିମ୍ନଲିଖିତ ଯେକୌଣସି ୪ (ଚାରୋଟି)ର ଶୁଦ୍ଧ ରୂପ ଲେଖ

ସଲ୍ଲଜ, ଯାତାୟାତ, ନିରୋଗୀ, ଧୁମ୍ରପାନ, ଭୌଗଳିକ, ହାନୀ, ଗୁଣମନ୍ତ

(ଗ) ଯେ କୌଣସି ଚାରୋଟିର ରୂଢ଼ିର ଅର୍ଥ ଲେଖ ।

ଚକ୍ଷୁକୁଟିବା, ଚାରିଦଉଡ଼ି କଟା, ଅଣ୍ଟିଛୁରୀ ତଣ୍ଟିକାଟେ, ଆପଣା ସୁନା ଭେଣ୍ଡି, କଟା ଘା'ରେ ଚୂନ, ଜିରାରୁ ଶିରା କାଢ଼ିବା, ତିଳକୁ ତାଳ କରିବା

(ଘ) ନିମ୍ନ ବିଶେଷ୍ୟ ଗୁଡ଼ିକ ମଧ୍ୟରୁ ଚାରୋଟିର ବିଶେଷଣ ପଦ ଲେଖ ।

ବାଞ୍ଛା, ଦେହ, ସମାଜ, ଉତ୍ସାହ, ଉପନିବେଶ, ଈଶ୍ୱର, ଇତିହାସ

**2** ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଯେ କୌଣସି ତିନୋଟିର ଶୂନ୍ୟ ସ୍ଥାନ ପୂରଣ କର : **1×3=3**

(କ) ଲଣ୍ଡନ ________ ରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ

(ପାର୍କ ଷ୍ଟ୍ରୀଟ, ମଲ୍ ଷ୍ଟ୍ରୀଟ, ଡାଉନିଙ୍ଗ ଷ୍ଟ୍ରୀଟ)



Unnati Educations
9899436384, 9654279279

(ଖ) ଏ ଦେଶ ଆମର ବ୍ରିଟିଶ ________ ପାଇଁ ସ୍ଥାନ ଏଠି ନାହିଁ ।

(ସରକାର, ସାହେବ, ଗୋଲାମ)

(ଗ) ପୁଅ ସତୃଷ୍ଣ ଭାବରେ ମାଆର ________ ମୁଖମଣ୍ଡଳକୁ ଚାହିଁଲା ।

(ହାଡୁଆ, ସୁନ୍ଦର, ସ୍ନେହ ଲାବଣ୍ୟମୟ, ଖିଲାଳ)

(ଘ) ଡ୍ରାଇଭର ________ ପିନ୍ଧିଥିଲା ।

(ଯୋତା, ବେଲ୍ଟ, ଟୋପି, ଧୋତି )

(ଙ) ମଣିଷ ________ ଚାଲେ ।

(ପାଦ ପକାଇ, ଗୁରୁଣ୍ଡି ଗୁରୁଣ୍ଡି, ଫଣାଟେକି, ଘୁଷୁରିଘୁଷୁରି)

3 ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଯେକୌଣସି ତିନୋଟିର ଶୂନ୍ୟସ୍ଥାନ ପୂରଣ କର : 3

(କ) ଉତ୍ତମ ଲୋକ ଦେଖି ________ କରିବୁ ।

(ମନ୍ତ୍ରୀ, ସେନାପତି, ରାଜା)

(ଖ) ________ ନଡ଼ିଆରସ ଦେବାକୁ କୁହାଯାଇଛି ।

(ପାରା ଦୁଇଟିକୁ, କୁକୁରକୁ, ମଣିଷଙ୍କୁ ଓ ବିଲୁଆଙ୍କୁ)

(ଗ) କୁକୁର ଅଇଁଠା ପତରରେ ଧ୍ୟାନ ଦିଏ, କାରଣ ପତରରେ ________ ଥାଏ ।

(ମାଂସ, ବାଲି କାଠ)

(ଘ) ________ ଗଲାବେଳେ ମା ଛାତି ଫଟାଇ କାନ୍ଦେ

(ଝିଅ, ବାପା, ମାଆ, ଭାଇ)

(ଙ) ଶେଫାଳୀ ଫୁଲ ________ ଫୁଟିଥାଏ ।

(ଗଛରେ, ଲତାରେ, ନଈକୂଳରେ)



Unnati Educations
9899436384, 9654279279

**4** ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଯେକୌଣସି ତିନୋଟିର ଶୂନ୍ୟସ୍ଥାନ ପୂରଣ କର : **1×3=4**

(କ) ପ୍ରବୀର ସିନେମା ପାଇଁ ଗୀତ ଗାଏ ଓ ପ୍ରତିଗୀତକୁ ________ ଟଂକା ନିଏ ।

(ଏକ ହଜାର, ଦୁଇ ହଜାର, ତିନି ହଜାର, ପାଞ୍ଚ ହଜାର)

(ଖ) ନବଘନ ବାବୁ ________ ଖାଇବାକୁ ଭଲ ପାଆନ୍ତି ।

(ଚୁଡ଼ା, ମୁଢ଼ି, ଅଣ୍ଡା, ବିସ୍କୁଟ)

(ଗ) ନବଘନ ବାବୁ ________ ବିଭାଗର ଜଣେ ପଦସ୍ଥ ଅଫିସର ।

(ବାଣିଜ୍ୟ କର, ବିକ୍ରୀକର, ଟିକସ ବିଭାଗ, ଡାକ୍ତରୀ ବିଭାଗ)

(ଘ) ପ୍ରଭାକରକୁ ଯୁବକମାନେ ________ ମାଗୁଥିଲେ ।

(ପୂଜା ଚାନ୍ଦା, ବାର୍ଷିକ ଚାନ୍ଦା, କ୍ଲବ ଚାନ୍ଦା, ପ୍ରାଥମିକ ସଭ୍ୟଚାନ୍ଦା)

(ଙ) ଜୀବନର ପ୍ରତିଟି ମୁହୂର୍ତ୍ତ ________ ଭରା ।

(ଦୁଃଖ, ସୁଖ, ବିଷାଦ, ରୋମାଞ୍ଚ)

**5** ପ୍ରଦତ୍ତ ଅନୁଚ୍ଛେଦଟି ପଢ଼ି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । **2×5+1=11**

ରାଜା ଦଶରଥଙ୍କ ଠାରୁ ପୁତ୍ରର ମୃତ୍ୟୁ ସମ୍ବାଦ ଶୁଣି ବୁଢ଼ାବୁଢ଼ୀ ଦୁହେଁ ଧୂଳିରେ ଗଡ଼ିଗଲେ, ସେମାନଙ୍କ କରୁଣ କ୍ରନ୍ଦନରେ ବନଭୂମି ପୂର୍ଣ୍ଣ ହେଲା, ରାଜା ଚନ୍ଦ୍ର ପ୍ରତିମା ପରି ଠିଆ ହୋଇଥାଆନ୍ତି । ଶେଷରେ ତପସ୍ୱୀ ତପସ୍ୱିନୀ ରାଜାଙ୍କୁ କହିଲେ – "ରାଜା, ଅଜାଣତରେ ଦୋଷ କଲ ଏବଂ ଦୋଷ କରି ନିଜେ ସ୍ୱୀକାର କଲ, ଏଥି ପାଇଁ କ୍ଷମା ଦେଲୁ । ନଚେତ ଏହି ପାପରେ ସବଂଶ ନାଶ ହୋଇଥାନ୍ତା । ଏ ବୃଦ୍ଧ ବୟସରେ ଆମ୍ଭମାନଙ୍କୁ ଏ ଦାରୁଣ ପୁତ୍ରଶୋକ ଦେଲ,


Unnati Educations
9899436384, 9654279279

ତେଣୁ କେବଳ ଏତିକି କହୁଛି ପୁତ୍ର ମୁହଁ ନ ଦେଖି ତୁମେ ଦିନେ ଏହିପରି ଛଟପଟ ହୋଇ ମରିବ, ପୁଅଟି ଥିଲା ଆମର ଏକମାତ୍ର ଆଶ୍ରୟ, ସେ ଚାଲିଗଲାପରେ ଆମର ଆଉ ସଂସାରରେ ରହି କି ଲାଭ" ।

(କ) ତପସ୍ୱୀ, ତପସ୍ୱିନୀ ଦଶରଥଙ୍କଠାରୁ କି ସମ୍ବାଦ ପାଇଲେ ?

(ଖ) ସମ୍ବାଦ ଶୁଣି ତାଙ୍କର କି ପ୍ରତିକ୍ରିୟା ହେଲା ?

(ଗ) ରାଜାଙ୍କୁ ସେମାନେ କାହିଁକି କ୍ଷମା ଦେଲେ ?

(ଘ) ରାଜା ଦଶରଥ କି ଦୋଷ କରିଥିଲେ ?

(ଙ) ସଂସାରରେ ଆଉ ବଞ୍ଚି ରହିବା ପାଇଁ ବୁଢ଼ାବୁଢ଼ୀ ଆଉ ଚାହିଁଲେ ନାହିଁ କାହିଁକି ?

6 ନିମ୍ନଲିଖିତ ଯେ କୌଣସି ୪ (ଚାରୋଟି) ପ୍ରଶ୍ନର ଉତ୍ତର ଦିଅ : **2×4=8**

(କ) ସନନ୍ଦ ପତ୍ର ଉପରେ କ'ଣ ମାଡ଼ି ଗଲାଣି ?

(ଖ) ଭାରତ ସଂସଦୀୟ ଗଣତନ୍ତ୍ର କେଉଁଠାରୁ ଗ୍ରହଣ କରିଛି ?

(ଗ) ଗଧ ଖାଟେଣି, କୁକୁର ପାଦ ଚାଟେ, ଆଉ ମଣିଷ କ'ଣ କରେ ?

(ଘ) ରାୟ ବାହାଦୁର ସ୍ୱାଧୀନତା ଉତ୍ସବ ଦେଖି କି ପ୍ରତିକ୍ରିୟା ହୋଇଥିଲା ?

(ଙ) ସମସ୍ତେ କେତେ ରକମ ଖେଳ ଖେଳୁଛନ୍ତି ?

(ଚ) ଇଂଲଣ୍ଡରେ କେତେ ମାସ ରହିଲେ ଭୋଟ ଅଧିକାର ମିଳେ ?

(ଛ) ଶ୍ରେଷ୍ଠ ମଣିଷ କିଏ ?



Unnati Educations
9899436384, 9654279279

7 ଯେ କୌଣସି ଚ଼ାରୋଟି ପ୍ରଶ୍ନର ଉତ୍ତର ଦିଅ : 2×4=8

(କ) ମାମୁଁଘର କିପରି ଓ କେଉଁଠାରୁ ଦେଖାଯାଏ ?

(ଖ) କିଏ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଜୟ କରିଥିଲେ ?

(ଗ) ଯୁଧିଷ୍ଠିରଙ୍କ କେଉଁକଥା ଶୁଣି ଭୀଷ୍ମ ହସିଲେ ?

(ଘ) ଜାତିକୁ କାହିଁକି ନନ୍ଦିଘୋଷ ସହିତ ତୁଳନା କରାଯାଇଛି ?

(ଙ) କାହାକୁ ଡାଆଣିଆ ଖରା କୁହାଯାଏ ?

(ଚ) କିଏ କେଉଁଠାରେ ଗୋପନରେ ଫୁଟିଛି ଏବଂ କାହାର ବାସ୍ନା ପବନରେ ଭାସି ଆସୁଛି ?

(ଛ) ଇନ୍ଦ୍ର କାହିଁକି ବୃଷ୍ଟିକରେ ଏବଂ ସୃଷ୍ଟିରକ୍ଷା ହୁଏ ?

8 ଯେ କୌଣସି ଚାରୋଟି ପ୍ରଶ୍ନର ଉତ୍ତର ଦିଅ : 2×4=8

(କ) 'ହାୟରେ ହତଭାଗା ସଭ୍ୟତା' ଏହା କିଏ କାହାକୁ କହିଛି ?

(ଖ) ନବଘନ ଅଣ୍ଡା ଓ ବିସ୍କୁଟ ବଦଳରେ କ'ଣ ଖାଆନ୍ତି ?

(ଗ) ନବଘନଙ୍କୁ ହେମାଙ୍ଗିନୀଙ୍କର କେଉଁ କଥା ଭଲ ଲାଗେନା ?

(ଘ) ମିସେସ୍ ସିହ୍ନା ତାଙ୍କ ପୁଅ ଜନ୍ମଦିନ କ'ଣ କରିଥିଲେ ?

(ଙ) ପ୍ରଭାକର ଗାଁରେ କ'ଣ ଖୋଜିବେ ବୋଲି କହିଛନ୍ତି ?

(ଚ) ହେମାଙ୍ଗିନୀଙ୍କ ମତରେ ଝିଅମାନଙ୍କୁ ସ୍ୱାଧୀନତା କେଉଁଥିପାଇଁ ଦିଆଯିବା ଉଚିତ ?

(ଛ) ଆଜିକାଲି ଗାଁ ଲୋକଙ୍କର କେଉଁ କଥାକୁ ସମୟ ନାହିଁ ?



Unnati Educations
9899436384, 9654279279

9 ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ : 8

(କ) ଭୂତ ଗଳ୍ପରୁ ଆମେ କି ଶିକ୍ଷାଲାଭ କଲେ ଆଲୋଚ଼ନା କର ।

(ଖ) ରକ୍ଷଣଶୀଳ ସମାଜର ଧକ୍କା ପଠିତ ଗଳ୍ପରେ କିପରି ରୂପ ପାଇଛି ବର୍ଣ୍ଣନା କର ।

(ଗ) ଇଂଲଣ୍ଡରେ ଭୋଟ ଦେବାର ବ୍ୟବସ୍ଥା ସଂପର୍କରେ ଲେଖକଙ୍କ ଅଭିଜ୍ଞତା ପ୍ରଦାନ କର ।

10 ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ : 8

(କ) 'ଗ୍ରାମପଥ' କବିଙ୍କ ମନରେ କି ଭାବନା ସୃଷ୍ଟି କରିଛି ?

(ଖ) 'ଶେଫାଳି ପ୍ରତି' କବିତାରୁ କବିଙ୍କର ବିଭୁଭକ୍ତିର ପରିଚ଼ୟ ଦିଅ ।

(ଗ) 'ଉତ୍କଳ ସନ୍ତାନ' କବିତାରେ କବି କାହାକୁ ଉଦ୍‌ବୋଧନ ଦେଇଛନ୍ତି ଓ କାହିଁକି ?

11 ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ। 8

(କ) 'ସକାଳର ମେଘ' ଏକାଙ୍କିକାକୁ ଏହାର ନାମକରଣର ସାର୍ଥକତା ପ୍ରତିପାଦନ କର ।

(ଖ) ପ୍ରଭାକରର ଚାରିତ୍ରିକ ବୈଶିଷ୍ଟ୍ୟ ଆଲୋଚ଼ନା କର ।

12 ନିମ୍ନଲିଖିତ ଗୋଟିକର ପ୍ରବନ୍ଧ ଲେଖ : 8

(କ) ଭାରତର ଜନସଂଖ୍ୟା ବୃଦ୍ଧିର କାରଣ

(ଖ) ଦୂରଦର୍ଶନ

(ଗ) ଭ୍ରମଣର ଉପାଦେୟତା

(ଘ) ଗୁରୁ ଦିବସ



Unnati Educations
9899436384, 9654279279

13 ତୁମେ ବଡ଼ହେଲେ କ'ଣ କରିବ ଲେଖି ବାପାଙ୍କ ପାଖକୁ ପତ୍ରଲେଖ । 8

କିମ୍ବା

ସଂକ୍ରମ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟକୁ ଏକ ଆବେଦନ ପତ୍ର ଲେଖ ।

---



Unnati Educations
9899436384, 9654279279